# ପ୍ରାକୃତିକ କୃଷି ଆଧାରିତ ରୋଗପୋକ ପରିଚାଳନା








ଆଲେଖ୍ୟ:
ଡ. ଦେବୀପ୍ରସାଦ ଦାଶ
ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ
ତନ୍ମୟ କୁମାର ବେହେରା, କ୍ଷେତ୍ର ପ୍ରବନ୍ଧକ
ଡ. ସିଦ୍ଧାର୍ଥ କର, ବୈଜ୍ଞାନିକ (ଉଦ୍ୟାନ କୃଷି)



କୃଷି ବିଜ୍ଞାନ କେନ୍ଦ୍ର, ମାଲକାନଗିରି
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

# ପ୍ରାକୃତିକ କୃଷି ଆଧାରିତ ରୋଗପୋକ ପରିଚାଳନା


ଆଲେଖ୍ୟ :

ଡ. ଦେବୀପ୍ରସାଦ ଦାଶ

ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ

ଡ. ସିଦ୍ଧାର୍ଥ କର

ବୈଜ୍ଞାନିକ (ଉଦ୍ୟାନ କୃଷି)

ତନ୍ମୟ କୁମାର ବେହେରା

କ୍ଷେତ୍ର ପ୍ରବନ୍ଧକ



କୃଷି ବିଜ୍ଞାନ କେନ୍ଦ୍ର, ମାଲକାନଗିରି

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ଭାକୃଅନୁପ ICAR

# ପ୍ରାକୃତିକ କୃଷି ଆଧାରିତ ରୋଗପୋକ ପରିଚାଳନା

**ଆଲେଖ୍ୟ :**

**ଡ. ଦେବୀପ୍ରସାଦ ଦାଶ**
ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ

**ତନ୍ମୟ କୁମାର ବେହେରା**
କ୍ଷେତ୍ର ପ୍ରବନ୍ଧକ

**ଡ. ସିଦ୍ଧାର୍ଥ କର**
ବୈଜ୍ଞାନିକ (ଉଦ୍ୟାନ କୃଷି)

**ପ୍ରକାଶକ :**
କୃଷି ବିଜ୍ଞାନ କେନ୍ଦ୍ର, ମାଲକାନଗିରି

**ପ୍ରଥମ ପ୍ରକାଶ :** ଡିସେମ୍ବର, ୨୦୨୪

**ମୁଦ୍ରଣ :**
ଅଙ୍କିତା ଗ୍ରାଫିକ୍ସ, ଭୁବନେଶ୍ୱର
ଫୋନ୍ ୯୪୩୭୦୭୭୩୩୭

**By**
**Dr. Debiprasad Dash**
Sr. Scientist and Head

**Tanmaya Kumar Behera**
Farm Manager

**Dr. Sidhartha Kar**
Scientist (Horticulture)

**Published by:**
Krishi Vigyan Kendra,
Malkangiri

**First Edition**:
December, 2024

**Printed at:**
Ankita Graphics, Bhubaneswar.
Cell : 9437077337
saroj77337@gmail.com



# ରୋଗପୋକ ପରିଚାଳନା

କୃଷି କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ପାଇଁ ରୋଗ ପୋକ ପରିଚାଳନା ଏକ ମୁଖ୍ୟ କାର୍ଯ୍ୟ। ରୋଗପୋକ ଆକ୍ରମଣ ଦ୍ୱାରା ସାଧାରଣତଃ ୩୦ ଶତାଂଶ ଫସଲର ଅମଳ କମି ଯାଇଥାଏ ଓ ବେଳେବେଳେ ସମ୍ପୂର୍ଣ୍ଣ ଫସଲ ମଧ୍ୟ ନଷ୍ଟ ହୋଇଯିବାର ଦେଖାଯାଇଥାଏ।

ଏକ ପରିସଂଖ୍ୟାନରୁ ଓଡ଼ିଶାରେ ୨୦୨୨-୨୩ରେ ୧୩୪୮ ମେ.ଟନ୍ ରାସାୟନିକ ବିଷ କୃଷି କ୍ଷେତ୍ରରେ ପ୍ରୟୋଗ କରାଯାଇଛି। ଏହି ବିଷର ପ୍ରଭାବରେ ଆମ ପରିବେଶ ପ୍ରଦୂଷିତ ହେବା ସହିତ ଅନେକ ଉପକାରୀ କୀଟ ପତଙ୍ଗଙ୍କ ସଂଖ୍ୟା କମିଯାଇ ପରିବେଶ ସନ୍ତୁଳନ ବାଧାପ୍ରାପ୍ତ ହେଉଅଛି। ଅସନ୍ତୁଳିତ କୀଟନାଶକ ପ୍ରୟୋଗ ଦ୍ୱାରା ଫଳ, ପନିପରିବା ଓ ଖାଦ୍ୟ ଶସ୍ୟରେ ଏହି ବିଷର କିଛି ଅଂଶ ରହିଯାଉଛି ଯେଉଁଥିପାଇଁ ଆମ ଶରୀରରେ ବିଭିନ୍ନ ପ୍ରକାରର ରୋଗ ସୃଷ୍ଟି ହେଉଛି। ଏପରିକି କେତେକ କ୍ଷତିକାରକ ପୋକଙ୍କର ବିଷ ସହଣୀଶକ୍ତି ବୃଦ୍ଧି ପାଇବା ଦ୍ୱାରା ତାଙ୍କର ସଂଖ୍ୟା ବଢିବାରେ ଲାଗିଛି। ବର୍ତ୍ତମାନ ଗୌଣ କୀଟ ମୁଖ୍ୟ କୀଟ ରୂପରେ ବଢିଚାଲିଛନ୍ତି। ଏହି ବିଷର ପ୍ରଭାବରେ ବାୟୁମଣ୍ଡଳରେ ଥିବା ଓଜୋନ୍ ସ୍ତରରେ ଛିଦ୍ର ହୋଇ ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧି ପାଇବା ମଧ୍ୟ ଏକ କାରଣ ବୋଲି ବୈଜ୍ଞାନିକମାନେ ମତ ଦେଉଛନ୍ତି।

ବର୍ତ୍ତମାନ ସମୟରେ ରୋଗ ପୋକ ନିୟନ୍ତ୍ରଣ କରିବା ଓ ରାସାୟନିକ ବିଷକୁ କମାଇ ପରିବେଶକୁ ସୁସ୍ଥ ରଖିବା ଆମର କର୍ତ୍ତବ୍ୟ। ଏହାର ବିକଳ୍ପ ପ୍ରାକୃତିକ କୃଷି ଅଟେ। ଏହି କୃଷି ପଦ୍ଧତିକୁ ମଧ୍ୟ ଆମର ଦେଶ ତଥା ରାଜ୍ୟ ସରକାର ପ୍ରଚାର କରିବା ପାଇଁ ଚେଷ୍ଟାରତ। ଯଦି ଆମେ ପ୍ରକୃତିକୁ ସମ୍ମାନ ଦେଇ ପ୍ରକୃତିର ପରିବେଶକୁ ଆମ କୃଷି କ୍ଷେତ୍ରରେ ପ୍ରୟୋଗ କରିପାରିବା, ତେବେ ନିଶ୍ଚିତ ରୂପରେ ରୋଗ ପୋକର ମାତ୍ରା ହ୍ରାସ କରି ପାରିବା।

## ୧) ରୋଗ ପୋକ ଲାଗିବାର କାରଣ :

- ଗଛ ସଂଖ୍ୟା କମିବା ଓ ଜଙ୍ଗଲ ନଷ୍ଟ କରିବା
- ଅସନ୍ତୁଳିତ ମାତ୍ରାରେ ଓ ମନଇଚ୍ଛା କୀଟନାଶକର ପ୍ରୟୋଗ ଦ୍ୱାରା ମିତ୍ର କୀଟଙ୍କର ସଂଖ୍ୟାରେ ହ୍ରାସ ଘଟିବା ଓ କୀଟମାନଙ୍କର ବିଷ ସହଣୀ ଶକ୍ତି ବୃଦ୍ଧି ପାଇବା ସହିତ ନୂଆ ପୋକର ଆବିର୍ଭାବ ହେବା।
- ସଘନ ଚାଷ
- ନୂଆ କିସମ ଓ ଏକ ପ୍ରକାର ବାରମ୍ବାର ଫସଲର ଚାଷ ଦ୍ୱାରା ମଧ୍ୟ କୀଟ ସଂଖ୍ୟା ବୃଦ୍ଧି ହେବାର ସମ୍ଭାବନା
- ନୂଆ ସ୍ଥାନକୁ ନୂଆ କୀଟ ଆସିବା
- ଅଧିକ ପରିମାଣର ଯବକ୍ଷାରଜାନ ସାରର ପ୍ରୟୋଗ, ଗଛ ସଂଖ୍ୟା ଯଦି ବହଳ ବା ଅଧିକ ହୁଏ, ଘାସ ମରାର ପ୍ରୟୋଗ ଇତ୍ୟାଦି ମଧ୍ୟ ରୋଗ ଓ ପୋକ ବୃଦ୍ଧିରେ ସହାୟତା କରିଥାଏ।
- ବିଦେଶାଗତ କୀଟକର ହଠାତ୍ ଆବିର୍ଭାବ

## ପ୍ରାକୃତିକ କୃଷିରେ ରୋଗ ପୋକ ପରିଚାଳନା :

### ପ୍ରତିରୋଧ ପ୍ରଣାଳୀ

- ଫସଲର କିସମ, ବିହନ ବା ଚାରା ଚୟନ
- ମିଶ୍ରିତ ଫସଲ ଚାଷ
- ଠିକ୍ ସମୟରେ ଫସଲ ରୋପଣ ବା ବୁଣା
- ଗଛରୁ ଗଛ ଓ ଧାଡିରୁ ଧାଡି ମଧ୍ୟରେ ଆବଶ୍ୟକୀୟ ଦୂରତା ବଜାୟ ରଖିବା
- ପ୍ରାକୃତିକ ବା ମିତ୍ର କୀଟଙ୍କ ସଂରକ୍ଷଣ ଏବଂ ସଖ୍ୟା ବୃଦ୍ଧି ପ୍ରତି ଗୁରୁତ୍ୱ ଦେବା
- ଯେକୌଣସି ଆକ୍ରାନ୍ତ ଅଂଶକୁ ଫସଲରୁ ଅଲଗା କରିବା।

## ୨) ଦମନ ପ୍ରଣାଳୀ :

- ଫସଲରେ କିଛି ପୋକ ରହିବାକୁ ସୁଯୋଗ ଦେବା, ଯଦ୍ୱାରା ମିତ୍ର କୀଟଙ୍କ ଖାଦ୍ୟର ଅଭାବ ରହିବ ନାହିଁ।

- ଫସଲ କିଆରୀରେ ଫସଲର ବିଭିନ୍ନତା (ଯଥା ମିଶ୍ରିତ ଫସଲ) ଦ୍ୱାରା ପୋକଙ୍କର ସଂଖ୍ୟାକୁ କମାଯାଇ ପାରିବ।
- ମିତ୍ର କୀଟଙ୍କର ସଂଖ୍ୟାକୁ ବଢାଇବା ପାଇଁ କିଛି ଗଛ ବା ଫସଲ ଲଗାଇବା ଯାହା ତାଙ୍କର ବାସସ୍ଥାନ ହେବା ସହିତ ମିତ୍ର କୀଟକୁ ମଧ୍ୟ ଆକର୍ଷଣ କରିଥାନ୍ତ।
- ବିଭିନ୍ନ ପ୍ରକାରର ପକ୍ଷୀ ମଧ୍ୟ ଫସଲ କିଆରୀକୁ ଆସିଥାନ୍ତି ଓ ପୋକ ଦମନରେ ସାହାଯ୍ୟ କରିଥାନ୍ତି। ତେଣୁ ତାଙ୍କର ବସିବା ପାଇଁ ଟି ଆକାରର ବାଡି ପୋତିବା ଆବଶ୍ୟକ।
- ବୁଢିଆଣି ଯନ୍ତା ଫସଲରେ ଲଗାଇବା
- ହଳଦିଆ ଅଠାଳିଆ ଯନ୍ତା, ଆଲୋକ ଯନ୍ତା ଇତ୍ୟାଦିର ପ୍ରୟୋଗକୁ ବୁଝିବା ଓ ବ୍ୟବହାରରେ ଆଣିବା।
- ଅଳ୍ପ ଜଳକୁ ବ୍ୟବହାର କରି ଫସଲ କରିବା ବା ଜଳର ପରିଚାଳନା ସଠିକ୍ ଭାବରେ କଲେ, ରୋଗ ଓ ପୋକର ପ୍ରାଦୁର୍ଭାବକୁ କମ୍ କରାଯାଇପାରେ।

**ଯନ୍ତା ଫସଲ :** କେତେକ କ୍ଷତିକାରକ କୀଟ କେତେକ ନିର୍ଦ୍ଦିଷ୍ଟ ଫସଲରେ ଅଣ୍ଡା ଦେବା ଏବଂ ସେ ଅଣ୍ଡାରୁ ଲାର୍ଭା ବାହାରି ସେହି ଫସଲର ପତ୍ର ଖାଇବା ପାଇଁ ଆଗ୍ରହ ପ୍ରକାଶ କରନ୍ତି। ଏହି ଫସଲକୁ ମୁଖ୍ୟ ଫସଲର ଚାରି ପାଖରେ ବାଡ ଫସଲ ହିସାବରେ ଲଗାଯାଇପାରେ। ଏହାଦ୍ୱାରା କ୍ଷତିକାରକ ପୋକକୁ ନିୟନ୍ତ୍ରଣ କରିବା ସହଜ ହୁଏ। ନିମ୍ନରେ କିଛି ଉଦାହରଣ ଦିଆଗଲା।



**ସାରଣୀ-୧**

| ଫସଲ | ଯନ୍ତାଫସଲ | କ୍ଷତିକାରକ କୀଟ |
|---|---|---|
| କପା, ଚିନାବାଦାମ | ଜଡ଼ା, ସୂର୍ଯ୍ୟମୁଖୀ | ଧୂଆପତ୍ର ଗୋଟିପୋକ |
| ହରଡ଼ | ଗେଣ୍ଡୁ | ଆମେରିକୀୟ ବକରାବିନ୍ଧା ପୋକ |
| କପା, ବୁଟ | ଗେଣ୍ଡୁ | ଆମେରିକୀୟ ବକରାବିନ୍ଧା ପୋକ |
| କପା | ଭେଣ୍ଡି | ଚିତ୍ରିତ ବକରାବିନ୍ଧା ପୋକ |
| ଆଳୁ, ଟମାଟୋ<br>ବାଇଗଣ, ଭେଣ୍ଡି, ପୋଟଳ | ହଳଦିଆ କିସମ<br>କଲିକତି ଗେଣ୍ଡୁ | ଚେରଗଣ୍ଠି ସୂତ୍ରଜୀବ |

ଏହି ଯନ୍ତା ଫସଲରେ ଦେଖାଯାଉଥିବା ଅଣ୍ଡାପୁଞ୍ଜ ଓ ଛୋଟ ଛୋଟ ଗୋଟି ପୋକକୁ ହାତରେ ସଂଗ୍ରହ କରି ମୁଖ୍ୟ ଫସଲକୁ କୀଟ ଦାଉରୁ ରକ୍ଷା କରାଯାଇପାରେ।

## ଅନ୍ତଃ ଫସଲ :

ମୁଖ୍ୟ ଫସଲ ମଧ୍ୟରେ କେତେକ ନିର୍ଦ୍ଦିଷ୍ଟ ବ୍ୟବଧାନରେ ଅଳ୍ପ ଅବଧିର ଡାଲିଜାତୀୟ ଫସଲ ଚାଷକୁ ଅନ୍ତଃଫସଲ ହିସାବରେ ନେଇହେବ। ଏହାଦ୍ୱାରା ଛୁଇଁଜାତୀୟ ଫସଲର ଚେରରେ ବାୟୁମଣ୍ଡଳରୁ ଯବକ୍ଷାରଜାନ ବିବନ୍ଧିତ ହୋଇ ଫସଲକୁ ମିଳିବା ସହିତ ମାଟି ଉର୍ବର ହୋଇଥାଏ। ଏହି ଫସଲରେ ପରାଶ୍ରୟୀ ତଥା ପରଭୋଜି କୀଟମାନଙ୍କର ସଂଖ୍ୟା ବୃଦ୍ଧି ପାଉଥିବା ଦ୍ୱାରା ମୁଖ୍ୟ ଫସଲରେ କ୍ଷତିକାରକ କୀଟଙ୍କ ସଂଖ୍ୟା କମିଥାଏ।



## ୩. ବିଭିନ୍ନ ଅର୍କଦ୍ୱାରା ରୋଗପୋକ ନିୟନ୍ତ୍ରଣ

ବିଭିନ୍ନ ଉଭିଦ ଜାତ ଅର୍କକୁ ଭିନ୍ନ ଭିନ୍ନ ରୋଗ ପୋକ ନିୟନ୍ତ୍ରଣ ପାଇଁ ନିମ୍ନମତେ ବ୍ୟବହାର କରି ହେବ।

### କ) ନିମାସ୍ତ୍ର :

**ଆବଶ୍ୟକ ସାମଗ୍ରୀ :** ଦେଶୀ ଗାଈର ଗୋମୂତ୍ର – ୫ଲି., ଦେଶୀ ଗାଈ ଗୋବର – ୧ କି.ଗ୍ରା, ନିମପତ୍ର ବା ନିମ୍ବଫଳ – ୫ କି.ଗ୍ରା, ପାଣି – ୧୦୦ ଲି.।

**ପ୍ରସ୍ତୁତି ପ୍ରଣାଳୀ :** ୫ କିଲୋଗ୍ରାମ ନିମ୍ବଫଳ ବା ସବୁଜ ନିମ୍ବପତ୍ରକୁ ନେଇ ଭଲ ଭାବରେ ଛେଚି ରଖିବା। ଏହି ସବୁକୁ ୧୦୦ ଲି. ପାଣିରେ ମିଶାଇ ସେଥିରେ ୫ ଲି. ଗୋମୂତ୍ର ଓ ୧ କିଗ୍ରା. ଗୋବର ମିଶାଇ ଭଲ ଭାବରେ କାଠି ସାହାଯ୍ୟରେ ଘାଣ୍ଟି ଡ୍ରମର ମୁହଁକୁ କପଡାରେ ବାନ୍ଧାଯାଏ। ଏହାକୁ ୪୮ ଘଣ୍ଟା ଘୋଡାଇ ରଖାଯାଏ ଓ ପ୍ରତ୍ୟେକ ଦିନ ଦୁଇଥର ଏହି ମିଶ୍ରଣକୁ ଘାଣ୍ଟିବା ଓ ୪୮ ଘଣ୍ଟା ପରେ ଏକ ସଫା କପଡାରେ ଛାଣି ରଖିବା।






**ବ୍ୟବହାର :** ଏହି ୧୦୦ ଲି. ମିଶ୍ରଣକୁ ଏକ ଏକର ଫସଲରେ ସିଞ୍ଚନ କରିବା ଦ୍ୱାରା ଶୋଷକ କୀଟ ଓ ଛୋଟ ଶୁଣ୍ଢ ଥିବାବାଲା କୀଟ, ଛୋଟ ସଁବାଳୁଆକୁ ନିୟନ୍ତ୍ରଣ କରାଯାଇପାରିବ।

## ଖ) ଆଗ୍ନେୟାସ୍ତ୍ର :

**ଆବଶ୍ୟକ ସାମଗ୍ରୀ:** ଦେଶୀ ଗାଇ ମୂତ୍ର-୨୦ଲି., ନିମପତ୍ର-୫ କି.ଗ୍ରା, କଞ୍ଚାଲଙ୍କା-୫୦୦ଗ୍ରା., ରସୁଣ-୫୦୦ ଗ୍ରା., ତମାଖୁପତ୍ର-୧ କିଗ୍ରା।

**ପ୍ରସ୍ତୁତି ପ୍ରଣାଳୀ :** ପ୍ରଥମେ ୨୦ଲି. ଗୋମୂତ୍ର ନେବା ତତ୍‌କ୍ଷଣାତ୍ ଉପରୋକ୍ତ ନିମ୍ବପତ୍ର, କଞ୍ଚାଲଙ୍କା, ରସୁଣ ଓ ତମାଖୁ ପତ୍ରକୁ ଛେଚି ଗୋଟେ ପରେ ଗୋଟେ ଗୋମୂତ୍ରରେ ମିଶାଯାଏ। ଏହି ମିଶ୍ରଣକୁ ଚୁଲିରେ ବସାଇ ଫୁଟାଯାଏ। ୪ରୁ ୫ ଥର ଫୁଟାଇବା ପରେ ଏହାକୁ ୨୪ ଘଣ୍ଟା ପାଇଁ ପଚିବାକୁ ଛାଡି ଦିଆଯାଏ। ୪୮ ଘଣ୍ଟା ପରେ ଏହାକୁ ସୂତା କପଡାରେ ଛାଣି ରଖାଯାଏ।






**ବ୍ୟବହାର :** ୮ ଲି. ଅଗ୍ନେୟାସ୍ତ୍ରକୁ ୧୦୦ ଲି. ପାଣିରେ ମିଶାଇ ଏକ ଏକର ଜମିରେ ସିଞ୍ଚନ କରାଯାଏ। ଲମ୍ବା ଶୁଣ୍ଢ ଥିବା କୀଟ ସାଁବାଲୁଆ ଇତ୍ୟାଦି ଦମନ କରିବା ପାଇଁ ଏହାକୁ ବ୍ୟବହାର କରାଯାଏ।

## ଗ) ବ୍ରହ୍ମାସ୍ତ୍ର :

ଆବଶ୍ୟକ ସାମଗ୍ରୀ : ନିମ୍ବପତ୍ର-୩ କି.ଗ୍ରା., ଆତ ପତ୍ର-୨ କି.ଗ୍ରା., କରଞ୍ଜ ପତ୍ର-୨ କି.ଗ୍ରା, ଜଡ଼ା ପତ୍ର -୨ କି.ଗ୍ରା, ଦୁଦୁରା ପତ୍ର -୨ କି.ଗ୍ରା, ଦେଶୀ ଗାଇର ଗୋ ମୂତ୍ର -୧୦ଲି.




**ପ୍ରସ୍ତୁତ ପ୍ରଣାଳୀ :** ଉପରୋକ୍ତ ପତ୍ରଗୁଡିକୁ ଅଲଗା ଅଲଗା ଛେଚି ଦିଆଯାଏ ଓ ଆଉ ଗୋଟେ ପାତ୍ରରେ ୧୦ ଲି. ଗୋ-ମୂତ୍ର ନେଇ ଛେଚିଥିବା ପତ୍ରଗୁଡିକୁ ମିଶାଯାଏ। ଏହି ମିଶ୍ରଣକୁ ଚୁଲିରେ ବସାଇ କିଛି ସମୟ ଅନ୍ତରରେ ୪-୫ ଥର ଫୁଟାଯାଏ। ଏହାକୁ ଥଣ୍ଡା କରିବା ପାଇଁ ୨୪ ଘଣ୍ଟା ରଖି ଦିଆଯାଏ। ଏହାକୁ ଛାଣି ଫସଲରେ ବ୍ୟବହାର କରାଯାଇଥାଏ।






**ବ୍ୟବହାର :** ୨-୩ ଲିଟର ବ୍ରହ୍ମାସ୍ତ୍ରକୁ ୧୦୦ ଲି. ପାଣିରେ ମିଶାଇ ଏକ ଏକର ଜମିରେ ସିଞ୍ଚନ କରାଯାଏ। ଏହା ଫଳ ବିନ୍ଧା, ଛୁଇଁ ବିନ୍ଧା, କାଣ୍ଡ ବିନ୍ଧା ଓ ଶୋଷକ କୀଟମାନଙ୍କର ନିୟନ୍ତ୍ରଣ ପାଇଁ ବହୁତ ଉପଯୋଗୀ।

## ଘ) ଦଶପର୍ଣ୍ଣୀ ଅର୍କ :

ନିମ୍ବପତ୍ର -୫ କିଗ୍ରା, ବେଗୁନିଆ ପତ୍ର, କରଞ୍ଜ ପତ୍ର, ଦୁଦୁରା ପତ୍ର, ଅମୃତଭଣ୍ଡା ପତ୍ର, ଆତ ପତ୍ର, ପିଜୁଳି ପତ୍ର, ଅରଖ ପତ୍ର, ଅମରି ପତ୍ର, ଜଡା ପତ୍ର, ଇତ୍ୟାଦି ପ୍ରତ୍ୟେକରୁ ୨ କି.ଗ୍ରା. କଞ୍ଚା ଲଙ୍କା ଚଟଣୀ - ୨ କି.ଗ୍ରା, ରସୁଣ ଚଟଣୀ - ୨୫୦ ଗ୍ରା., ଦେଶୀ ଗାଈ ଗୋବର - ୩ କି.ଗ୍ରା, ଦେଶୀ ଗାଈ ମୂତ୍ର - ୫ ଲି., ପାଣି - ୨୦୦ ଲି.

**ପ୍ରସ୍ତୁତି ପ୍ରଣାଳୀ :**

ଉପରୋକ୍ତ ପତ୍ରକୁ ଅଲଗା ଅଲଗା ଛେଚି ବା ବାଟି ରଖାଯାଏ। ୨୦୦ ଲି. ପାଣିରେ ଏହି ସବୁ ପତ୍ର ବଟା, ଗୋମୂତ୍ର, ଗୋବର, କଞ୍ଚାଲଙ୍କା ଓ ରସୁଣ ଚଟଣୀକୁ ମିଶାଇ ଭଲ ଭାବରେ ଗୋଳାଇ ଦିଆଯାଏ। ଏକ ମାସ ପାଇଁ ଏହାକୁ ସଢିବାକୁ ଦିଆଯାଏ। ଏହାକୁ ଦିନକୁ ୩ଥର ଏହି ମିଶ୍ରଣକୁ ବାଡି ସାହାଯ୍ୟରେ ଗୋଳାଇବାକୁ ପଡେ। ୩୦ ଦିନ ପରେ ଛାଣି ଗୋଟିଏ ପାତ୍ରରେ ଏହି ଅର୍କକୁ ରଖି ଦିଆଯାଏ। ଏହାକୁ ୬ ମାସ ପର୍ଯ୍ୟନ୍ତ ବ୍ୟବହାର କରିହୁଏ।






**ବ୍ୟବହାର :** ଉପରୋକ୍ତ ଅର୍କ ପରିମାଣ ଏକ ଏକର ଜମି ପାଇଁ ବ୍ୟବହାର କରାଯାଏ। ଏହା ବିଭିନ୍ନ ପ୍ରକାରର ଛୋଟ ଓ ବଡ ସାଁବାଳୁଆ, ଶୋଷକ କୀଟକୁ ନିୟନ୍ତ୍ରଣ କରିବାରେ ସହାୟକ ହୁଏ।



## ଙ) ଖଟା ଦହିପାଣି :

୫ରୁ ୬ ଦିନର ୩ଲି. ଖଟା ଦହିକୁ ୧୦୦ ଲି. ପାଣିରେ ମିଶାଇ ସପ୍ତାହେ ଅନ୍ତରରେ ଗଛରେ ସିଞ୍ଚନ କଲେ ବହୁତ ପ୍ରକାର କବକ ବା ଫିମ୍ପି ଜାତୀୟ ରୋଗରୁ ରକ୍ଷା ମିଳିଥାଏ।

## ଚ) ସୁଣ୍ଠାସ୍ତ୍ର :



୨୦୦ ଗ୍ରା. ସୁଣ୍ଠି ଗୁଣ୍ଡ, ୨ ଲି. ପାଣିରେ ମିଶାଇ ନିଆଁରେ ସିଝାଯାଏ। ଯେତେବେଳେ ଏହା ଅଧା ହୋଇଯାଏ, ତାକୁ ଅଲଗା ରଖାଯାଏ। ଅନ୍ୟ ଏକ ପାତ୍ରରେ ୫ ଲି. ଗାଇ କ୍ଷୀରକୁ ଧିମା ନିଆଁରେ ସିଝାଇ ଥଣ୍ଡା କଲା ପରେ ଏଥିରେ ପଡିଥିବା ସରକୁ ବାହାର କରି ଦିଆଯାଏ। ଏହାପରେ ୨୦୦ ଲି. ପାଣିରେ ଏହି ଦୁଇ ମିଶ୍ରଣକୁ ଭଲ ଭାବରେ ମିଶାଇ ଦିଆଯାଏ ଓ

ଏହାକୁ ପତଳା କପଡାରେ ଛାଣି ୪୮ ଘଣ୍ଟା ମଧ୍ୟରେ ସିଞ୍ଚନ କରାଯାଏ। ଏହାଦ୍ୱାରା ପତ୍ରଦାଗ, ମହିଷା ଓ ଅନ୍ୟାନ୍ୟ ରୋଗ ଦାଉରୁ ଫସଲକୁ ରକ୍ଷା କରାଯାଇପାରେ।

## ଛ) ନିମ୍ବ - ଗୋମୂତ୍ର ଅର୍କ :

୫ କିଗ୍ରା. ନିମ୍ବପତ୍ର ବା ନିମ୍ବ ମଞ୍ଜି ବାଟି ପାଣିରେ ମିଶାଇ ସେଥିରେ ୫ଲି. ଗୋମୂତ୍ର ଓ ୧କିଗ୍ରା. ଗୋବର ମିଶାଇ ୨୪ ଘଣ୍ଟା ପାଇଁ ସଢିବାକୁ ଛାଡି ଦିଆଯାଏ। କିନ୍ତୁ ମଝିରେ ମଝିରେ ଘାଣ୍ଟି ତାକୁ ପତଳା କପଡାରେ ଛାଣି ଦିଆଯାଏ ଓ ୧୦୦ ଲି. ପାଣିରେ ଗୋଳାଇ ଫସଲ ଉପରେ ସିଞ୍ଚନ କରାଯାଏ। ଏହି ଅର୍କ ଏକ ଏକର ଚାଷଜମି ପାଇଁ ଯଥେଷ୍ଟ। ମିଲିବଗ୍ସ ଓ ଶୋଷକ କୀଟକୁ ଏହାଦ୍ୱାରା ଦମନ କରାଯାଇପାରେ।

## ଜ) ଲଙ୍କା - ରସୁଣ ଅର୍କ :

୧.୫ କିଗ୍ରା ରାଗ ଲଙ୍କା, ୫୦୦ ଗ୍ରା. ରସୁଣ ଓ ୫ କିଗ୍ରା. ନିମ୍ବପତ୍ର ଛେଚାକୁ ୧୦ଲି. ଗୋମୂତ୍ରରେ ମିଶାଇ ଏହି ମିଶ୍ରଣକୁ ୪-୫ ଥର ଗରମ କରି ଅଧା ହେବାକୁ ଦିଆଯାଏ। ଏହାକୁ ଛାଣି ବୋତଲରେ ସଂଗ୍ରହ କରାଯାଏ। ଏହି ଅର୍କରୁ ୨-୩ ଲି. ନେଇ ୧୦୦ ଲି. ପାଣିରେ ମିଶାଇ ଏକ ଏକର ଜମିରେ ସିଞ୍ଚନ କରାଯାଏ। ଏଥିରେ ପତ୍ରପୋଡା, କାଣ୍ଡ/ଫଳ ବିନ୍ଧା ଓ ପତ୍ର ବିନ୍ଧା ପୋକ ଦମନ କରିହୁଏ।









Printed at: Ankita Graphics, Bhubaneswar
email: saroj77337@gmail.com, Ph. 9437077337

2024120402

OUAT Publication
No. 2024120402